# ଅଲ୍ ଇଣ୍ଡିଆ ପିଉପୁଲ୍ସ୍ ସାଇନ୍ସ ନେଟ୍‌ୱାର୍କ (AIPSN) ଘୋଷଣାନାମା

## ଭାରତରେ କୋବିଡ୍-୧୯ ମହାମାରୀର ଭୟଙ୍କର ଦ୍ୱିତୀୟ ଲହରୀ ସଂପର୍କରେ

୧୪ ଅପ୍ରେଲ ୨୦୨୧

ଅଲ୍ ଇଣ୍ଡିଆ ପିଉପୁଲ୍ସ୍ ସାଇନ୍ସ ନେଟ୍‌ୱାର୍କ **(AIPSN)** ଘୋଷଣାନାମା ଭାରତରେ କୋବିଦ୍-୧୯ ମହାମାରୀର ଭୟଙ୍କର ଦ୍ୱିତୀୟ ଲହରୀର ସ୍ଥିତିକୁ (ପୋଜିସନ୍ ପେପରକୁ) ଆଧାର କରି ଏହି ଘୋଷଣାନାମା ପ୍ରସ୍ତୁତ ହୋଇଛି ।

**ଦାୟିତ୍ୱ ଗ୍ରହଣ କରିବା : ଅନ୍ୟ ରାଜ୍ୟ ଏବଂ ଜନସାଧାରଣଙ୍କୁ ଦୋଷ ଦେବା ନାହିଁ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଏକ ଉଚ୍ଚ ସ୍ତରୀୟ ବୈଠକରେ ବର୍ତ୍ତମାନର ସମସ୍ୟାକୁ ରାଜ୍ୟଗୁଡ଼ିକୁ ଏବଂ ଜନସାଧାରଣଙ୍କୁ ଦୋଷ ଦିଆଯାଇଛି । ଏହା କେବଳ ବର୍ତ୍ତମାନର ପରିସ୍ଥିତିରେ ନିଜର ଦୋଷକୁ ଅନ୍ୟ ମୁଣ୍ଡରେ ଅଠା ବୋଳିବା, ନିଜେ ଏଥିରେ ବିଫଳ ହେବା ଏବଂ ଭବିଷ୍ୟତ ପାଇଁ କିଛି କାର୍ଯ୍ୟକ୍ରମ ପଦକ୍ଷେପ ନଥିବା ଭଳି କହୁଛନ୍ତି । ପ୍ରଥମ ମହାମାରୀ ଲହରୀର ଯାହା ଶିଖିଲେ, କେନ୍ଦ୍ର ସରକାର ଏବଂ ରାଜ୍ୟସରକାର ମିଳିତ ଭାବରେ କରୋନା ମହାମାରୀ କୁ ମୁକାବିଲା କରିବା ପାଇଁ ପଦକ୍ଷେପ ନେବା କଥା । କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଦେଶନାମା ଯୋଗାଇବା, ଆର୍ଥିକ ସହାୟତା ଏବଂ ଅନ୍ୟ ପ୍ରକାର ସହାୟତା ଯୋଗାଇବାର କଥା । କେନ୍ଦ୍ର ସରକାର ନିଜର ଅପାରଗତାକୁ ଲୁଚାଇ ଅନ୍ୟ ରାଜ୍ୟଗୁଡ଼ିକ ଉପରେ ଦୋଷ ଲଦି, ଅତ୍ୟନ୍ତ ଆବଶ୍ୟକ ସାମଗ୍ରୀ ଯୋଗାଇବାକୁ ବନ୍ଦ କରିବା, ଅନେକ କ୍ଷେତ୍ରରେ ସହଯୋଗ କରୁନାହାଁନ୍ତି ! ଅତିରିକ୍ତ ମହାମାରୀ ସମ୍ବନ୍ଧୀୟ ସମସ୍ତ ପ୍ରକାର ତଥ୍ୟ ଯୋଗାଇବ, ଦ୍ୱିତୀୟ ଲହରୀ ଆସିବାର କାରଣ ସମ୍ପର୍କରେ କାରଣ ସମ୍ପର୍କରେ ଉପନୀତ ହେବା, ଏବଂ ଏହାକୁ ମୁକାବିଲା କରିବା ପାଇଁ କ'ଣ ପଦକ୍ଷେପ ଓ କ'ଣ ସତର୍କତା ନିଆଯିବ, ତାହା ଭବିଷ୍ୟତ ପାଇଁ ଆବଶ୍ୟକତା ରହିଛି ।**

ବିଭିନ୍ନ ପ୍ରଜାତିର ବୀଜାଣୁକୁ ବୁଝିବା : ଏହା ସମ୍ପକରେ ଅଧିକ ଆଲୋଚନାର ଆବଶ୍ୟକତା ରହିଛି , ବର୍ତ୍ତମାନ ପର୍ଯ୍ୟନ୍ତ ଯେତିକି ତଥ୍ୟ ରହିଛି, ସାର୍ସ୍ କୋଭ୍ ୨ ଭୂତାଣ ବିଭିନ୍ନ ପ୍ରକାର ରହିଛି ଏବଂ ଏହା ଅଧିକ ସଂକ୍ରମଣ କରୁଛି, କିମ୍ୱା ଏହା ମାରାତ୍ମକ, କିମ୍ୱା ଟୀକା ଦ୍ୱାରା ଏଥିରୁ ମୁକୁଳିହେବ, ଇତ୍ୟାଦି ସମ୍ପର୍କରେ ଅଧିକ ଗୁରୁତ୍ୱ ନଦେବା ହେଉଛି ଦ୍ୱିତୀୟ ଲହରୀର କାରଣ । ସୀମିତ ଭାବରେ ୟୁ.କେରେ ଦେଖାଯାଉଥିବା ପ୍ରଜାତି ( ବି.୧.୧୧୭) ଏବଂ ଭାରତରେ ଦୁଇପ୍ରକାର ଦେଖାଯାଉଥିବା ଭୂତାଣୁ (double-variant lineage (B.1.617) ) ର ଉପସ୍ଥିତି ଦେଖାଯାଉଛି । କିନ୍ତୁ, ଏହି ପ୍ରଜାତିର ପ୍ରଭାବ କ'ଣ କ'ଣ ପଡୁଛି, ସେ ସମ୍ପର୍କରେ ବିଶେଷ ଭାବରେ ସୂଚନା ନାହିଁ । ଯାହା ହେଉନା କାହିଁକି, ଯଥେଷ୍ଟ ସୂଚନା ପ୍ରଚାର ନହେବା ଦ୍ୱାରା ଅନେକ ସମୟରେ କେତେ ପ୍ରଜାଜିର ରହିଛି, ତାହା ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ ଉପନୀତ ହୋଇପାରୁନାହୁଁ । ସାରା ଦେଶରେ ଏହାର କରାମତି ବେଶ୍ ବଢ଼ିବାରେ ଲାଗିଛି । ମାହାମାରୀ ସମ୍ପର୍କରେ ଗବେଷଣାରେ ତଥ୍ୟ ଯାହା ବାହାରୁଛି, ତାହାକୁ ବୁଝିବା ଏବଂ ଏହାର ଭୟଙ୍କର ରୂପ ସମ୍ପର୍କରେ ଜାଣିବା ଏବଂ ନୂତନ ପ୍ରଜାତିର ବୀଜାଣକୁ ମୁକାବିଲା କରିବା ନିମନ୍ତେ ପଦକ୍ଷେପ ନେବାକୁ ପଡ଼ିବ ।

**ଟେଷ୍ଟିଂ ବୃଦ୍ଧି କରିବା, ଟ୍ରେସିଂ ଏବଂ ଅନୁସନ୍ଧାନ (surveillance ) କରିବା :** ଭାରତରେ ଅଧିକ ମାତ୍ରାରେ ଟେଷ୍ଟ କରିବା, ଖୋଜିବା ଏବଂ ସଂକ୍ରମଣ ବ୍ୟକ୍ତି ପୃଥକବାସ / ଏକାନ୍ତବାସ କରିବାର ଆବଶ୍ୟକତା ରହିଛି । ଏହାକୁ ସ୍ଥାନୀୟ ପରିସ୍ଥିତି ଏବଂ ସ୍ଥାନୀୟ ଅଂଚଳରେ କିଭଳି ଅନୁସନ୍ଧାନ ହେବ, ତାହାକୁ ଧରି କଣ୍ଟେନ୍‌ମେଣ୍ଟ କରିବାର ଆବଶ୍ୟକତା ରହିଛି । ଅଧିକ ମାତ୍ରାରେ ଆର୍.ଟି-ପି.ସି.ଆର୍ ପରୀକ୍ଷା କରି ସଂକ୍ରମିତ ବ୍ୟକ୍ତିବିଶେଷକୁ ଚିହ୍ନଟ କରିବାର ଆବଶ୍ୟକତା ରହିଛି । ପ୍ରଥମ ଲହରୀ ସମୟରେ ସମ୍ପର୍କରେ ଥିବା ଲୋକମାନଙ୍କୁ ଖୋଜିବାରେ (Contact tracing ) କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କର ଅନେକ ଦୁର୍ବଳତା ଥିଲା । ଆରୋଗ୍ୟ ସେତୁ ଆପ୍ ଏହାର କିଛି କାମ ନାହିଁ ବୋଲି ପ୍ରମାଣ ହୋଇଛି, ଏବଂ ଏହାକୁ ବିକଶିତ କରିବାର ଜରୁରୀ । ବିକେନ୍ଦ୍ରକରଣ ଭାବରେ କାର୍ଯ୍ୟାନୁଷ୍ଠାନ ଏବଂ ଗୋଷ୍ଠୀଗତ ଅଂଶଗ୍ରହଣ ଦ୍ୱାରା ଏହାକୁ ଭଲଭାବରେ ମୁକାବିଲା କରାଯାଇପାରିବ ।

**ଟୀକାର ଅଭାବକୁ ଦୂର କରିବା ଏବଂ ସମତା ବଜାୟ ରଖିବା :** ଅନେକ ଏପରିକି କର୍ତ୍ତୃପକ୍ଷଙ୍କ ଏହା ଏକ ବଡ଼ ଭୁଲ ଧାରଣା ଥିଲା ଯେ, ଟୀକା ଆସିବା ଦ୍ୱାରା ମାହାମରିର ଦ୍ୱିତୀୟ ଲହରୀ ବିରୋଧରେ ବୁଲେଟ୍ ଭଳି କାମ କରିବ , ଏବଂ ଦ୍ୱିତୀୟ ଲହରୀରେ ରୋକ ଲାଗିବ । ବିଶ୍ୱସ୍ତରରେ ଟୀକାକରଣର ମାତ୍ର ଦେଖିଲେ ଭାରତରେ ଟୀକାକରଣ ଅନୁପାତ ଅନ୍ୟଦେଶ ଅପେକ୍ଷା କମ ରହିଛି । ଅନେକ ରାଜ୍ୟ କେନ୍ଦ୍ର ସରକାର ଟୀକା ଯୋଗାଇବାରେ ଅବହେଳା କରୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି । ଅନେକ ତଥ୍ୟ ରହିଛି, ଦେଶର ଗ୍ରାମୀଣ ଅଂଚଳରେ ଏବଂ ସହରାଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ କରିବା କଥା, ଟୀକା କରଣ କରିବାରେ ଭେଦଭାବ ରହୁଛି, ଅନେକଙ୍କର ନିକଟରେ ପହଂଚିପାରୁନାହିଁ । ଏହି ଅଭାବକୁ ଯୁଦ୍ଧକାଳୀନ ଭିତ୍ତିରେ ଗୋଷ୍ଠୀସ୍ତରରେ ଯୋଗ୍ୟ ବିବେଚିତ ଜନସାଧାରଣଙ୍କୁ ନେଇ ଟୀକାକରଣ କରିବାକୁ ପଡ଼ିବ ଏବଂ ଟୀକାକରଣର ଅଧିକ ମାତ୍ରାରେ କରିବବା ପାଇଁ ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ । ଅନେକ ସମୟରେ ଟୀକାର ଅଭାବିକରଣ କୁହାଯାଉଛି, ଅନେକ ଟିକା ନେବା ନିମନ୍ତେ ଅମଙ୍ଗ ହେଉଛନ୍ତି, ଟୀକାକୁ ନେଇ ଅନିଶ୍ଚିତତାକୁ ମଧ୍ୟ ଦୂର

କରିବାକୁ ପଡ଼ିବ ।

**ଟୀକାର ଉତ୍ପାଦନରେ ବୃଦ୍ଧି ଏବଂ ଏହାର ଉପଲବ୍ଧ :** ସିରମ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଭାରତ ବାଇଓଟେକ୍ ଏ ଦୁଇଟି ଅନୁଷ୍ଠାନ ଟୀକା ପ୍ରସ୍ତୁତ କରିଛନ୍ତି । ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଧିକ ମାତ୍ରାରେ ଉତ୍ପାଦନ କରୁଛି, ଏହାକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି । ସରକାର ଏହାର ଉତ୍ପାଦନକୁ ବୃଦ୍ଧି କରିବାକର ଆବଶ୍ୟକତା ରହିଛି । ଏଥିସହିତ, ସରକାର ଅନ୍ୟ ଟୀକାଗୁଡ଼ିକ ଯେପରି ଉପଲବ୍ଧ ହେବ, ତାହାକୁ ଦୃଷ୍ଟିରେ ଦେବାକୁ ପଡ଼ିବ । ରୁଷିଆର ସ୍ପଟ୍‌ଲିକ୍ -ଭି ଟୀକାକୁ ଶେଷରେ ଯୁଦ୍ଧକାଳୀନ ଭିତ୍ତିରେ ଡି.ସି.ଜି.ଆଇ ଦ୍ୱାରା ଅନୁମତି ମିଳିଛି । ଏହାର ଉତ୍ପାଦନ ଅଧିକ ଖର୍ଚ୍ଚବହୁଳ ନହୁଏ, ଏହାକୁ ପାଉଡର ଭାବରେ ସାଧାରଣ ରେଫ୍ରିଜେଟରରେ ରଖାଯାଇପାରିବ, ଏହାକୁ ଭାରତରେ ଟୀକାକରଣ କାର୍ଯ୍ୟଭାବରେ ଏହାକୁ ବ୍ୟବହାର କରାଯାଇପାରିବ । ସରକାର ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଦ୍ୱାରା ଅନୁମତିପ୍ରାପ୍ତ ଏବଂ ୟୁ.ଏସ୍ , ୟୁରୋପ, ଏବଂ ଜାପାନ ଆଦି ଦେଶ ଦ୍ୱାରା ନିୟନ୍ତ୍ରିତ ଟୀକାଗୁଡ଼ିକୁ ଭାରତରେ ଉପଲବ୍ଧ ପାଇଁ ଆବେଦନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । କେତେ କ୍ଷେତ୍ରରେ ଏହାର ଆମଦାନୀ ନୀତି, ଏହାର ଉତ୍ପାଦନ, ଏହାର ମୂଲ୍ୟ, ଏହାର ନମ୍ବାର ପ୍ରସ୍ତୁତି ଇତ୍ୟାଦି, ନମ୍ବାର ଉପଲବ୍ଧ, ଏହା ବ୍ୟବହାର ଉପଯୋଗୀ ହେଇଛିକି ନାହିଁ, ଏହାର ମୂଲ୍ୟକୁ ଦେଇ ହେବ କି ନାହିଁ, ଇତ୍ୟାଦିକୁ ଭଲ ଭାବରେ ପରକ୍ଷୀବାକୁ ପଡ଼ିବ ଏବଂ ଏହା ବେସରକାରୀ ସ୍ତରରେ ଅଧିକ ମାତ୍ରାରେ ଅର୍ଥ ଦେଇ ବ୍ୟବହାର କରିବାକୁ ପଡ଼ିବ, ଗରିବ ମାନେ ଏହି ଟୀକାକୁ ପାଇବ ନିମନ୍ତେ ସେମାନଙ୍କର ସାମର୍ଥ ନଥିବା ହେତୁ ଦେଇନପାରିବ ଏବଂ ସେମାନଙ୍କର ପାଖରେ ସୂଚନା ଉପଲବ୍ଧ ନଥିବ, ଏହି ସବୁ ବ୍ୟବସ୍ଥାକୁ ଧ୍ୟାନ ଦେବାକୁ ପଡ଼ିବ । ଉଭୟ ଏସ୍.ଆଇ.ଏଲ୍ ଏବଂ ଭାରତ ବାଇଓଟେକ୍ ଭାରତ ସରକାରଙ୍କ ଠାରୁ ସେମାନଙ୍କର ଅତିରିକ୍ତ ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଅନୁଦାନ ମାଗିଛନ୍ତି । ଭାରତ ସରକାର ଏହି ଅର୍ଥରାଶୀକୁ ଶୀଘ୍ର ଦେବାର ବ୍ୟବସ୍ଥା କରନ୍ତୁ, ଯାହାକି କିଛି ମାସ ମଧ୍ୟରେ ଅଧିକ ମାତ୍ରାରେ ଦେଶୀୟ ଭାବରେ ଉତ୍ପାଦନ ହୋଇପାରିବ ।

**ଲାଇସେନ୍ସ / ଆଇ.ପି. ବିଷୟ :** କୋଭାକ୍ସିନ୍ ଟୀକା ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଭିରଲୋଜି, ପୂନେଙ୍କ ଦ୍ୱାରା ବିକଶିତ ହୋଇଛି । ଏହା ଭାରତୀୟ କାଉସିଲ୍ ଅଫ ମ୍ୟଡ଼ିକେଲ ରିସର୍ଚ୍ଚ, ଏବଂ ହାଇଦ୍ରାବାଦ ସ୍ଥିତ ଭାରତ ବାଇଓଟେକ୍ ଦ୍ୱରା ଏହା ଉତ୍ପାଦନ ହେଉଛି । ଭାରତ ସରକାର ଅନ୍ୟ ଭାରତୀୟ ଉତ୍ପାଦନକାରୀ ଯେପରି କୋଭାକ୍ସିନ୍ ଉତ୍ପାଦନ କରିବାର ଲାଇସେନ୍ ପାଇବେ, ଯାହାକି ସମସ୍ତଙ୍କୁ ଟୀକା ଯୋଗାଯାଇପାରିବ । ସରକାରୀ ଉଦ୍ୟୋଗ ଯଥା ହାଫ୍‌କାଇନ୍ ବାଇଓ-ଫାର୍ମାସୁଟିକାଲ କୋର୍‌ପୋରେସନ୍ ଲିମିଟେଡ୍, ମହାରାଷ୍ଟ୍ରକୁ ଏଥିରେ ସାମିଲ କରିବା କଥା, ସରକାରୀ ଉଦ୍ୟୋଗଗୁଡ଼ିକ ପ୍ରତି ନକାରାତ୍ମକ ମନୋଭାବ / ବିରୋଧ କରିବା ବନ୍ଦ କରିବା କଥା । ମହାମାରୀର ଦ୍ୱିତୀୟ ଲହରୀ ସମୟରେ ଭୟଙ୍କର ପରିସ୍ଥିତିକୁ ମୁକାବିଲା କରିବା ବେଳେ ଭାରତ ବାଇଓଟେକ୍‌କୁ କେବଳ ଏକଛତ୍ରବାଦ ଟୀକା ଟୀକାକୁ ପ୍ରତିହିତ କରି ଅନ୍ୟ ଉଦ୍ୟୋଗକୁ ସୁଯୋଗ ଦେବାକୁ ପଡ଼ିବ । ଯେହେତୁ ନିକଟରେ ଭାରତ ଦକ୍ଷିଣ ଆଫ୍ରିକା ସହିତ ମିଶି ଦାବୀ କରିବାକୁ ପଡ଼ିବ ଯେ, ବିକାଶଶୀଳ ଦେଶଗୁଡ଼ିକ ଟୀକା ଉତ୍ପାଦନ କ୍ଷେତ୍ରରେ ନିଜର ଏକଛାତ୍ର ଅଧିକାରକୁ ଛାଡ଼ିବାକୁ ପଡ଼ିବ ।

**ଟୀକା ଜାତୀୟକରଣକୁ ନେଇ ବିରୋଧୀଙ୍କ ଭୁଲ ଧାରଣା ରହୁଛି :** ସମ୍ପୂର୍ଣ୍ଣ ଭାବରେ ଭୁଲ ବୁଝାମଣାର ଅଭିଯାନ ବଢ଼ିବାରେ ଲାଗିଛି, କେତେକ ରାଜନୈତିକ ଦଳ ଏବଂ କେତେକ ଗଣମାଧ୍ୟମ, ଭାରତ ଟୀକାକୁ ବ୍ୟବସାୟୀକ ଦୃଷ୍ଟିରୁ ବନ୍ଦ କରିବା ଏବଂ ଦେଶ ମଧ୍ୟରେ ବ୍ୟବେହାରକୁ ପ୍ରାଥମିକତାକୁ ଗୁରୁତ୍ୱ ଦେଉଛନ୍ତି । ଏହା ପୂର୍ବରୁ ମଧ୍ୟ, ସରକାର କେତେକ ରାପ୍ତାନୀ କ୍ଷେତ୍ରରେ ନିଷେଧ ଜାରି କରିନ୍ତି ଏବଂ କେତେକ ବିକଶିତ ବନ୍ଧୁ ଦେଶକୁ ମୁକ୍ତ ଭାବରେ ଯୋଗାଇବା ପାଇଁ ଗୁରୁତପୂର୍ଣ୍ଣ ନିଷ୍ପତ୍ତି ପୂର୍ବରୁ ନେଇଥିଲେ ଏବଂ କୋଭାକ୍ସ ଟୀକା ସ୍ୱଚ୍ଛ ଆୟ ଗୋଷ୍ଠୀ ଦେଶଗୁଡ଼ିକୁ ଯୋଗାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହାକୁ ଆମକୁ ବିଚାରକୁ ନେବାକୁ ଯେ, ଭାରତର ଏକ-ତୃତୀୟାଂଶ କୋଭାକ୍ସ୍ ବାହାର ପାଉଛି, ଏବଂ ଭାରତ ମଧ୍ୟ କୋଭାକ୍ସ ତରଫରୁ ବଡ ଆକାରରେ ସହାୟତା ପାଇବାର ଦେଶ ଭାବରେ ରହିଛି , ଅନ୍ୟକୁ ମଧ୍ୟ ସହାୟତା ଦେବାକୁ ପଡ଼ିବ ।

ଚୀନ୍ ଏବଂ ଭାରତ ଏହିଭଳି ଦେଶ, ଯେଉଁଦେଶଗୁଡ଼ିକ ବିଶ୍ୱ ଟୀକାକରଣ କାର୍ଯ୍ୟକ୍ରମକୁ ବିକଶିତ ଏବଂ ସ୍ୱଚ୍ଛ-ଆୟବର୍ଗର ଦେଶଗୁଡ଼ିକରେ ଟୀକାକରଣରେ ସହାୟତା ଦେଇଛନ୍ତି । ଯଦି ଆମେ ବର୍ତ୍ତମାନ ଟୀକା ଯୋଗାଇବାରେ ବନ୍ଦ କରିବା, ତେବେ ଆମେ ବିଶ୍ୱସ୍ତରରେ ସେଲ୍‌ଫିସ ହେବା, ଏହା ଆମକୁ ଲାଭ ଦେବ ନାହିଁ । ଏହା ଦ୍ୱାରା କେହି ଖରାପ ଭାବିବେନାହିଁ, କିନ୍ତୁ ଗର୍ବ ଅନୁଭବ କରିପାରିବା ।

ଟୀକାକୁ ଏହାକୁ ଆମେ ଦୃଷ୍ଟି ଦେବାକୁ ପଡ଼ିବ ଯେ, ଏହୀ ଟୀକାକରଣ ବ୍ୟବସ୍ଥାରେ ଜାତୀତା ଏବଂ ୟୁ.ଏସ୍.ରେ ବ୍ୟବସାୟୀକ ଦୃଷ୍ଟିରେ ରଖି କରୁଛନ୍ତି, ଯାହାକି ଏସ୍.ଆଇ.ଏଲ୍, ବାଇଓଲୋଜିକାଲ-ଇ ( ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଦ୍ୱାରା ଟୀକା ପ୍ରସ୍ତୁତି ନିମନ୍ତେ ଲାଇସେନ୍ତି ପାଇବା) ଏବଂ ଅନ୍ୟ ଟୀକା ଉତ୍ପାଦନକାରୀ ଯେପରି ଭାରତରେ ଟୀକାର ଉତ୍ପାଦନକୁ ବୃଦ୍ଧି କରିବେ । ଏହି ଉତ୍ପାଦନକାରୀମାନେ କଂଚାମାଲ ଭାବରେ ବ୍ୟାଗ, ଫିଲ୍‌ଟର, ସେଲ୍ କଲଚର ମିଡ଼ିଆ, ସିଙ୍ଗଲ୍-ୟୁଜ୍ ଟର୍‌ବିଂ ଏବଂ ସ୍ୱତନ୍ତ୍ର ରାସାୟନିକ ଦ୍ରବ୍ୟ ୟୁ.ଏସ୍.ରୁ ଆମଦାନୀ କରିଥାଆନ୍ତି , ଯାହାକି ୟୁ.ଏସ୍.ର ଡିଫେନ୍ସ ପ୍ରଡାକ୍‌ସନ୍ ଆକ୍ଟ ଅଧୀନରେ ଟୀକା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ରପ୍ତାନୀ ଉପରେ ପ୍ରତିବନ୍ଧକ ରହିଛି । ଯଦି ଭାରତ ରପାନୀ କରିବାରେ ପ୍ରତିବନ୍ଧକ ଲଗାଏ, ଏହା ୟୁ.ଏସ୍ ଆଦି ଦେଶକୁ ସେମାନଙ୍କୁ ରାପ୍ତାନୀ କରିବା ପାଇଁ ନେତିକ ଦୃଷ୍ଟିରୁ ଦାବୀ କରିପାରିବ ନାହିଁ । ଏହା ଦୁର୍ଭାଗ୍ୟଯେ, ବିଶ୍ୱ ଟୀକାକରଣ ନିମନ୍ତେ ସହଯୋଗ ନିମନ୍ତେ ଦେଶର ସୁନାମ ଥିଲେ ମଧ୍ୟ, ଭାରତ ଏହାକୁ ଅଧିକ ଆୟ ଦେଶ ଯଥା ୟ.ଏସ୍. ୟୁରୋପିୟାନ୍ ୟୁନିୟନ ଆଦି ଦେଶରେ ଗରୀବ ଦେଶଗୁଡ଼ିକୁ କମ ଦାମରେ ହେଉଥିଲେ ମଧ୍ୟ ଭାରତକୁ ମିଳୁନାହିଁ ।।

**ଏ ସମ୍ପର୍କରେ ଆଲୋଚନା କରିପାରିବା ପାଇଁ ଯୋଗଯୋଗ କରିପାରିବେ :**

*D. Raghunandan 9810098621; T. Sundararaman 9987438253; S.Krishnaswamy 9442158638*
P. Rajamanickam, General Secretary, AIPSN gsaipsn@gmail.com, 9442915101 @gsaipsn